# Akashvani, Sambalpur

## SAMBALPURI NEWS EVENING BULLETIN

## 3 March 2025- 7.02 pm- 7.12 pm.

*******************************************

୧- ଦେଶେ ଗଲା ୧୦ ବଛର୍ ଭିତ୍‌ରେ ବନ୍ୟପ୍ରାଣୀମାନ୍‌କର୍ ବଢ଼୍‌ତି ସଂଖ୍ୟା ସେମାନ୍‌କର୍ ସୁରକ୍ଷା ଦିଗେ ଯତନ୍‌ର ପ୍ରମାଣ୍ ଆଏ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଶ୍ରୀକ୍ଷେତ୍ର ପୁରୀ ନ ରଥଯାତ୍ରା ଲାଗି ଅନାଯିବା ଖାସ୍ ଆପ୍-ସୂଚ୍‌ନା ଦେଲେ ପୁରୀ ଜିଲ୍ଲାପାଲ୍ ।

୩- ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍ ହାଇଦ୍ରାବାଦ୍ ଶ୍ରୀନିଧି ଡେକେନ୍ସ ଆର୍ ଓଡ଼ିଶା ଫୁଟ୍‌ବଲ୍ ଏସୋସିଏସନ୍ ଭିତ୍‌ରେ ଚାଲିଛେ ଫାଇନାଲ୍ ମେଚ୍ ।

ଆଉର୍

୪- ମାର୍ଚ୍ଚ ଆରମ୍ଭ୍‌ନୁ କଲ୍‌ବଲ୍ କଲା ନ ତାତି- ଝାର୍‌ସୁଗୁଡ଼ା ଆର୍ ପାର୍‌ଲାଖେମୁଣ୍ଡି ନ ସବୁନୁ ଜହ ତାତି ୩୮ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ।

ପ୍ରଧାନ୍‌ମନ୍ତ୍ରୀ ପି.ଆଇ.ବି.

ଏସୀୟ ସିଂହମାନଙ୍କର ସଂଖ୍ୟା ଆଉ ବାସସ୍ଥଲୀର୍ ସୁରକ୍ଷା ଦିଗେ ଆଦିବାସୀ ସମ୍ପ୍ରଦାୟ ଆଉ ମହିଳାମାନଙ୍କର ବଡ଼ ଭୂମିକା ରହିଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ବିଶ୍ୱ ବନ୍ୟପ୍ରାଣୀ ସୁରକ୍ଷା ଦିବସ୍ ଅବ୍‌ସରେ ଗୁଜରାଟର ଜୁନାଗଡ଼ ଜିଲ୍ଲାର୍ ଶାସନ୍ ଗିର୍‌ଠାନେ ଥିବା ଜାତୀୟ ବନ୍ୟପ୍ରାଣୀ ବୋର୍ଡ - ଏନ୍‌ବିଡବ୍ଲୁଏଲ୍‌ର ୭ନମ୍ବର ବୈଠକ୍‌ଥି ଯୋଗ୍ ଦେଇକରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଗିର୍ ଜଙ୍ଗଲର ସାମୁହିକ୍ ସଂରକ୍ଷଣର ଚେରେଷ୍ଟା ଲାଗି ଏସୀୟ ସିଂହମାନଙ୍କର ସଂଖ୍ୟା ଲଗାତର ବଢୁଛେ ବଲି କହିଛନ୍ । ଏସୀୟ ସିଂହଙ୍କର ଗନ୍ତି ରିପୋର୍ଟ ଇ ବଛର୍ ପ୍ରକାଶ କରାଯିବା ବଲି ପ୍ରଧାନମନ୍ତ୍ରୀ ଘୋଷଣା କର୍‌ବାର୍ ସଙ୍ଗେ ତାମିଲନାଡୁର କୋଏମ୍ବାଟୁର୍‌ଠାନେ ମୁନୁଷ୍ - ବନ୍ୟଜନ୍ତୁଙ୍କର୍ ଲଢ଼େଇ ପରିଚାଳନା କେନ୍ଦ୍ରର୍ ଉଦ୍‌ଘାଟନ୍ କରିଥିଲେ ।

ସେନ୍ତା ଚିତାମାନ୍‌କର ବାସସ୍ଥଲୀ ମଧ୍ୟପ୍ରଦେଶର ଗାନ୍ଧୀସାଗର ଅଭୟାରଣ୍ୟ ଆଉ ଗୁଜରାଟର ବାନି ଇଲାକାକେ ସମ୍ପ୍ରସାରଣ କରାଯିବା ବଲି ଇ ଅବସ୍‌ରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ । ଇଟାର୍ ଛଡ଼ା ଶ୍ରୀ ମୋଦି ନଦୀନେ ରହୁଥିବା ଡଲ୍‌ଫିନ୍ ଗନ୍ତି ରପୋର୍ଟ ପ୍ରକାଶ କରିଛନ୍ । ରିପୋର୍ଟ ଅନ୍‌ସାରେ ଦେଶର୍ ଭିନ୍ ଭିନ୍ ନଦୀନ ୬ ହଜାର ୩ ଶହ ୨୭ଟା ଡଲ୍‌ଫିନ୍ ଅଛନ୍ ।

ଇତାର୍ ସହେତେ ବୋର୍ଡ ବୈଠକ୍‌ଥି ଦେଶେ ବନ୍ୟପ୍ରାଣୀ ସୁରକ୍ଷା ଲାଗି ଭିନ୍ ଭିନ୍ ପଦକ୍ଷେପ୍ ଭିଲ୍ ନିଆଯାଇଛେ ।

ଇତାର୍ ଆଘୋନୁ ପ୍ରଧାନ୍‌ମନ୍ତ୍ରୀ ଗିର୍ ରାଷ୍ଟ୍ରୀୟ ଉଦ୍ୟାନ୍‌ର ଜଙ୍ଗଲ୍ ସଫାରୀ ବୁଲି ଦେଖିଥିଲେ । ସେନ୍ତା ଗଲା ଦଶ ବଛର୍ ଭିତ୍‌ରେ ଦେଶେ ବାଘ, ଚିତା, ଗଣ୍ଡାର ବାଗିର୍ ବନ୍ୟପ୍ରାଣୀଙ୍କର୍ ବଢ଼ିଥିବା ସଂଖ୍ୟା ସେମାନଙ୍କର ସୁରକ୍ଷା ଲାଗି ଦିଗେ ଆମର୍ ଯତନ୍‌ର ପ୍ରମାଣ ଆଏ ବଲି ଶ୍ରୀ ମୋଦୀ କହିଛନ୍ ।

ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରଣାଲୟ ତର୍‌ଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏବା କାଏଲ୍ ପଂଚାୟତିରାଜ୍ ଅନୁଷ୍ଠାନ୍‌ର ନିର୍ବାଚିତ୍ ହେଇଥିବା ମହିଲା ପ୍ରତିନିଧି ମାନ୍‌କର୍ ଜାତୀୟ କର୍ମଶାଳା ହେବା । କର୍ମଶାଳାଥି ସଶକ୍ତ ପଂଚାୟତ୍ ନେତ୍ରୀ ଅଭିଯାନ୍ ମୁଲ୍ ହେବା । କେନ୍ଦ୍ର ପଂଚାୟତିରାଜ୍ ମନ୍ତ୍ରୀ ରାଜୀବ ରଞ୍ଜନ୍ ସିଂ, ମହିଳା ଆଉ ଶିଶୁ ବିକାଶ୍ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ, ଯୁବ ବ୍ୟାପାର୍ ଆଉ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନିଖିଲ୍ ଖଡ଼୍‌ସେ, ବିଭାଗୀୟ ବରିଷ୍ଠ ଅଧିକାରୀଙ୍କର୍

ସହେତେ ଅନ୍ତର୍ଜାତୀୟ ସଂଗଠନ୍‌ର ପ୍ରତିନିଧିମାନେ କର୍ମଶାଳାଥି ଭାଗ୍ ନେବେ ।

ପୁରୀ ରଥ୍‌ଯାତ୍ରା-ସ୍ୱତନ୍ତ୍ର ଆପ୍ ପୁରୀ ସମ୍ବାଦଦାତା

ବିଶ୍ୱପ୍ରସିଦ୍ଧ ପୁରୀ ରଥ୍‌ଯାତ୍ରା ବେଲେ ଶ୍ରଦ୍ଧାଳୁମାନ୍‌କର ସୂଚ୍‌ନା ଲାଗି ଗୁଟେ ଖାସ୍ ଆପ୍ ଅନାଯିବା ବଲି ପୁରୀ ଜିଲ୍ଲାପାଲ୍ ସିଦ୍ଧାର୍ଥ ଶଙ୍କର୍ ସ୍ୱାଇଁ କହିଛନ୍ । ଆଏଜ୍ ପୁରୀ ସର୍କିଟ୍ ହାଉସ୍ ଠାନେ ହେଇଥିବା ରଥ୍‌ଯାତ୍ରାର୍ ପହେଲା ପ୍ରସ୍ତୁତି ବୈଠକ୍ ଉତ୍‌ରୁ ଜିଲ୍ଲାପାଲ୍ ଇ ବାବ୍‌ଦେ ସୂଚ୍‌ନା ଦେଇକରି କହିଛନ୍, ଗଲାବଛର୍ ରଥ୍‌ଯାତ୍ରା ସମସ୍ୟା ସୁଧିରେଇକରି ସବୁ ବିଭାଗ୍ ନିଜର୍ ନିଜର୍ ପ୍ରସ୍ତୁତି ଆର୍ ଆକ୍ସନ୍ ପ୍ଲାନ୍ ଚୂଡ଼ାନ୍ତ କର୍‌ବାର୍‌କେ ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ । ଇ ଅବ୍‌ସରେ ରଥଯାତ୍ରା ବେଲେ ଭିଡ଼୍ ନିୟନ୍ତ୍ରଣ୍, ଖରା, ଗରମ୍‌ନୁ ଲୁକ୍‌କୁ ସୁରକ୍ଷା ଦେବାର୍ ଆଉ ଆନୁସଙ୍ଗିକ୍ ବ୍ୟବସ୍ଥା କର୍‌ବାର୍ ବାବ୍‌ଦେ ବୈଠକ୍‌ଥି ଆଲୋଚନା ହେଇଥିଲା ।

ନବରତ୍ନ ମାଏନ୍‌ତା ହି.ସ.

କେନ୍ଦ୍ର ସର୍କାର୍ ଭାରତୀୟ ରେଲ୍‌ୱେ ଖାଦ୍ୟପେୟ ଆର୍ ପର୍ଯ୍ୟଟନ୍ ନିଗମ୍- ଆଇଆର୍‌ସିଟିସି ଆର୍ ଭାରତୀୟ ରେଲ୍‌ୱେ ଅର୍ଥ ନିଗମ୍ ଆଇଆର୍‌ଏଫ୍‌ସିକେ ନବରତ୍ନ ମାଏନ୍‌ତା ଦେଇଛନ୍ । ଇତାର୍‌ସହେତେ ଦୁହି ନିଗମ୍‌କେ ସର୍କାର୍ ନବରତ୍ନ ସିପିଏସ୍‌ଇ ଥି ଭିଲ୍ ଅପ୍‌ଗ୍ରେଡ୍ କର୍‌ବାର୍‌କେ ମଞ୍ଜୁରୀ ଦେଇଛନ୍ । ଇତାର୍‌ଉତ୍‌ରୁ ଇ ଦୁହି ନିଗମ୍ ସିପିଏସ୍‌ଇଥି ୨୫ ଆଉ ୨୬ ନମ୍ବର୍ ନବରତ୍ନ ହେବା ।

କନିଷ୍ଠ ଆଇନ୍‌ଜୀବୀମାନ୍‌କୁ ଭତା ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଆଇନ୍‌ଜୀବୀ ପରିଷଦ୍‌ର ନିଷ୍ପତି ଅନ୍‌ସାରେ ଆଏବା ଏପ୍ରିଲ୍ ମାସୁ କନିଷ୍ଠ ଆଇନ୍‌ଜୀବୀମାନ୍‌କୁ ଭତା ଦିଆଯିବା । ଆଇନ୍‌ଜୀବୀ କଲ୍ୟାଣ୍ କର୍ପସ୍ ଫଣ୍ଡ ଆଇନ୍ -୨୦୨୦ କାର୍ଯ୍ୟକାରୀ କର୍‌ବାର୍‌କେ ରାଜ୍ୟ ଆଇନ୍‌ଜୀବୀ ପରିଷଦ୍ ନିଷ୍ପତି ନେଇଛେ । ଇଥିର୍‌ଲାଗି ଆଇନ୍‌ଜୀବୀମାନେ ଏତ୍‌କର ସବୁ ମକ୍‌ଦ୍ଦମା ରୁଜୁ କଲା ବେଲେ ଶହେ ଟଙ୍କା ଆଇନ୍‌ଜୀବୀ ୱେଲ୍‌ଫେୟାର୍ କର୍ପସ୍ ଫଣ୍ଡର ଷ୍ଟାମ୍ପ ଲଗାବାର୍‌କେ ବାଧ୍ୟତାମୂଲକ୍ କରାଯାଇଛେ ।

ରାଜସ୍ୱ ମନ୍ତ୍ରୀ-ପ୍ଲଟ୍ ପଞ୍ଜିକରଣ୍        ହି.ସ.

ରାଏଜେ ଆଏବା ମାସୁ ସାଧାରଣ ଲୁକ୍‌କର୍ ଲାଗି ପ୍ଲଟ୍ ପଞ୍ଜିକରଣ୍ ମୁଲ୍ ହେବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ । ଇ ବାବ୍‌ଦେ ନଗର୍ ଉନ୍ନୟନ୍ ବିଭାଗ୍ - ରାଜସ୍ୱ ବିଭାଗ୍‌କେ ଚିଠା ପ୍ରସ୍ତାବ୍ ଦେଇଛେ । ମାର୍ଚ୍ଚ ମାସ୍ ଶେଷ୍‌ତକ୍ ଇତାର୍ ଉପ୍‌ରେ ବିଚାର୍ କରିକରି ଏପ୍ରିଲ୍ ମାସୁ ଢାଂଚା ବନାଯାଇକରି ପଞ୍ଜିକରଣ୍ ମୁଲ୍ ହେବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ପ୍ଲଟ୍ ଘିନ୍‌ବାର୍‌କେ ଥିବାର୍ ଲୁକ୍‌କୁ ରାସ୍ତା ଆର୍ ଆନୁସଙ୍ଗିକ ସୁବିଧା ଦିଆଯିବା । ୫ ହଜାର୍ ସ୍କ୍ୱେୟାର୍‌ଫିଟ୍‌ତକ୍ ପାର୍ଟପ୍ଲଟ୍ ପଞ୍ଜିକରଣ୍ ଲାଗି ନଗର୍ ଉନ୍ନୟନ୍ ବିଭାଗ୍‌କେ ଢାଂଚା ପ୍ରସ୍ତୁତ୍ କର୍‌ବାର୍ ଲାଗି ରାଜସ୍ୱ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଥିଲା ।

ଗ୍ରୀଷ୍ମପ୍ରବାହ- ମାର୍ଗଦର୍ଶିକା        ହି.ସ.

ରାଏଜେ ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ସବୁ ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ମାନ୍‌କର୍ ଲାଗି ବହୁତ୍ ଜଲ୍‌ଦି ମାର୍ଗଦର୍ଶିକା ଜାରି କରାଯିବା ବଲି ରାଜସ୍ୱ ମନ୍ତ୍ରୀ ସୁରେଶ୍

ପୂଜାରୀ କହିଛନ୍ । ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ଆଏବା ୨ ଦିନ୍ ଭିତ୍‌ରେ ନିଷ୍ପତି ନିଆଯିବା । ଇ ବାବ୍‌ଦେ ସ୍କୁଲ୍ ଆଉ ଗଣଶିକ୍ଷା ବିଭାଗ୍ ଆଉ ଉଚ୍ଚଶିକ୍ଷା ବିଭାଗ୍ ସାଙ୍ଗେ ରାଜସ୍ୱ ବିଭାଗ୍‌ର ଆଲୋଚନା ଶେଷ୍ ହେଇଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

(ଭଏସ୍ ଓଭର୍- ରାଜସ୍ୱ ମନ୍ତ୍ରୀ)

ମୁଖ୍ୟମନ୍ତ୍ରୀ- ଅଭିଯୋଗ୍ ଶୁଣାଣି ସିଏମ୍‌ଓ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ତାଙ୍କର୍ ଜନ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠନୁ ଲୁକ୍‌କର୍ ଅଭିଯୋଗ୍ ଶୁଣାଣି କରିଥିଲେ । ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ମନ୍ତ୍ରୀ ଆର୍ ଅଧିକାରୀମାନେ ଯୋଗ୍ ଦେଇକରି ହଜାରେଟା ପଞ୍ଜିକୃତ୍ ଆବେଦନ୍‌ର ଶୁଣାଣି କରିଥିଲେ । ଇ ଅବ୍‌ସରେ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ୍ ଜରିଏ ୫ ଝନ୍‌କୁ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ତୁର୍‌ତି ସହାୟତା ମଞ୍ଜୁର୍ କରାଯାଇଥିଲା । ଝନେ ବୋନ୍‌ମେରୋ କେନ୍‌ସର୍ ପିଡ଼ିତାଙ୍କୁ ୩ ଲାଖ୍ ଟଙ୍କାର୍ ସାହାଜ୍ ଦିଆଯାଇଥିଲା ।

বিশ্ব শ্রবণশক্তি দিবস          আর্এন্যু/ কটক্

শ্রবণ বাধিত মান্কু স্বতন্ত্র শিক্ষা আও স্বাস্থ্য ব্যবস্থা যুগেই দেবার্ সহেতে জনসচেতনতা সৃষ্টি কর্বার্ উদ্দেশ্থি ফি' বছর্ আজির্ দিন্কে বিশ্ব শ্রবণশক্তি দিবস্ ভাবে পালন্ করাযাউছে । বধিরতাকে রুক্বার্, চিকিৎসা আর্ তার্ প্রতিকার্ কর্বার্ ই দিবস্ পালন্র মুখ্য উদ্দেশ্য আএ । মিলিত্ জাতিসংঘর্ নিষ্পতি অন্সারে ফি' বছর্ মার্চ্চ মাসর্ ৩ তারিখ্ ই দিবস্ পালন্ করাযাউছে । সারা পুর্থি ন ৭০ নিযুত নু অএত্কা লোক্ আংশিক্ নাহেত পুরাপুরি বধিরতার শিকার্ আন্ । সেথির্ভিত্রু ৮০ প্রতিশত্ লোক্ বিকাশ্শীল্ রাষ্ট্রর্ হেইথিবার্ গুটে রিপোর্টনু জনাপড়িছে । শ্রবণশক্তি উপ্রে সচেতনতা সৃষ্টি উদ্দেশ্থি আএজ্ রাজ্যর্ ভিন্ ভিন্ জাগা ন সচেতনতা মূলক্ কার্য্যক্রম্ মান্ হেইছে ।

জনঅভিযোগ্ শুণাণি শিবির

সম্বলপুর/ বৌদ্ধ/ সোন্পুর/ বর্গড়্/ কলাহাণ্ডি

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଲିତ ଜନଶୁଣାଣି କରିଛନ୍ ।

ସମ୍ବଲପୁର୍ ଜିଲ୍ଲା ଧନ୍‌କଉଡ଼ା ବ୍ଲକ୍ ଠାନେ ଶୁଣାଣି ଶିବିର୍ ନ ୪୩ ଟା ଅଭିଯୋଗ୍ ଆସିଥିଲା । ସେଥିର୍‌ଭିତ୍‌ରୁ ୮ ଟାର ତୁର୍‌ତି ସମାଧାନ୍ ହେଇଥିଲା ବେଳେ ୫ନେ ହିତାଧିକାରୀକେ ଜିଲ୍ଲାପାଲ୍ ଟ୍ରାଇସାଇକଲ୍ ଯୁଗେଇ ଦେଇଥିଲେ ।

ବର୍‌ଗଡ଼୍ ଜିଲ୍ଲା ଝାର୍‌ବନ୍ଧ ପଂଚାୟତ୍ ସମିତି କାର୍ଯ୍ୟାଳୟ ଠାନେ ହେଇଥିବା ଶିବିର୍‌ଥି ୯୪ ଟା ଅଭିଯୋଗ୍ ଆସିଥିଲା ।

ବୌଦ୍ଧ ଜିଲ୍ଲା ସଦର୍ ବ୍ଲକ୍ କାର୍ଯ୍ୟାଳୟଠାନେ ହେଇଥିବା ଜନଶୁଣାଣିଥି ୪୪ ଟା ଅଭିଯୋଗ୍ ହେଇଥିଲା ବେଲ୍‌କେ ୧୦ ଟା ସମସ୍ୟାର୍ ତୁର୍‌ତି ସମାଧାନ୍ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟର୍ ସଦ୍‌ଭାବନା ସଭାଗୃହ ଠାନେ ହେଇଥିବା ଜନଶୁଣାଣି ଶିବିରଥି ୯୦ ଟା ଅଭିଯୋଗ୍ ଆସିଥିଲା ବେଲେ ୧୦ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା । ଇନ ୭ ଜନ୍‌କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ନୁ ଆର୍ଥିକ୍ ସାହାଜ୍ ଦିଆଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ବ୍ଲକ୍ ଠାନେ ହେଇଥିବା ଶିବିରଥି ୨୩ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ବେଲେ ସେଭିତ୍‌ରୁ ୨ ଟା ଅଭିଯୋଗ୍‌ର ତୁର୍‌ତି ଶୁଣାଣି ହେଇଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ-କର୍ମଶାଳା        ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲପୁର ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତର୍‌ଫୁ ଜିଲ୍ଲାର ସ୍ୱେଚ୍ଛାସେବୀ ଅନୁଷ୍ଠାନ୍‌ମାନଙ୍କୁ  ନେଇକରି ଗୁଟେ କର୍ମଶାଳା ହେଇଯାଇଛେ । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଆଉ ବିଭାଗୀୟ ଅଧିକାରୀମାନେ ଯୋଗ୍ ଦେଇକରି ମହିଳାମାନେ କେନ୍ତା କରି ନିଜର ଆର୍ଥିକ୍ ସ୍ଥିତି ସୁଧାର୍ କରିପାର୍‌ବେ ସେ ବାବ୍‌ଦେ ଆଲୋଚନା କରିଥିଲେ । ଓ୍ୱାନ୍ ଷ୍ଟପ୍ କେନ୍ଦ୍ରର୍ ପରିଚାଲ୍‌ନା ଆଉ ମହିଲାମାନଙ୍କର୍ ନ୍ୟାୟିକ୍ ଅଧିକାର ବାବ୍‌ଦେ ଭିଲ୍ ଆଲୋଚନା ହେଇଥିଲା ।

ସୁଭଦ୍ରା ଶକ୍ତିମେଳା-ବଲାଙ୍ଗିର୍      ହି.ସ.

ବଲାଙ୍ଗିର୍ ଠାନେ ଚାଲିଥିବା ସୁଭଦ୍ରା ଶକ୍ତିମେଳାର୍ ୩ ନମ୍ବର୍ ଦିନର୍ କାର୍ଯ୍ୟକ୍ରମ୍‌ଥି ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଯୋଗ୍ ଦେଇକରି କହିଛନ୍, ମା ହିଁ ଶିକ୍ଷାଦାନ୍‌ର ପହେଲା ସୋପାନ । ଓର୍‌ମାସ୍ ମା ନୁ ସମାଜ୍ ତକ୍ ସମ୍‌କୁ ସ୍ୱାବଲମ୍ବୀ କରଉଛେ ବଲି ମନ୍ତ୍ରୀ କହିଛନ୍ । ସୁଭଦ୍ରା

ଯୋଜ୍ନା ଅଧୀନ୍ଥି ସର୍କାର୍ ସୁଭଦ୍ରା ମା ମାନ୍କୁ ବଛର୍କ ୧୦ ହଜାର୍ ଟଙ୍କା ଦେଇକରି ସେମାନ୍କୁ ଦରବ୍ ବନାବାର୍ ଆଉ ସର୍କାର୍ଙ୍କୁ ଇଟା ବିକ୍ରି କର୍ବାର୍ ଲାଗି ଗୁଟେ ମଉକା ଦିଆଯାଇଛେ । ଜିନିଷ୍ ବିକ୍ରିବଟା ହେଲେ ମା ମାନେ ସ୍ୱାବଲମ୍ବୀ ହେଇପାର୍ବେ ବଲି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

ବାଜପେୟୀ ଜନ୍ମ ଶତବାର୍ଷିକୀ        ବୌଦ୍ଧ ସମ୍ବାଦଦାତା

ରାଜ୍ୟ ବିଜେପି ତର୍ଫୁ ଆଘର୍ ପ୍ରଧାନ୍ମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ୍ ଅଟଲ୍ ବିହାରୀ ବାଜପେୟୀଙ୍କର୍ ଜନ୍ମ ଶତବାର୍ଷିକୀ ପାଲନ୍ କରାହେବା । ଇ ଅବ୍ସରେ ଭିନ୍ ଭିନ୍ ଜିଲ୍ଲା ନ ଅଟଲ୍ଜୀଙ୍କର୍ ସହେତେ ସିଧାସଲଖ୍ ସମ୍ପର୍କ ଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ୍ କର୍ବାର୍ କାମ୍ ମୁଲ୍ ହେଇଛେ । ଆଘର୍ ବିରୋଧୀ ଦଲ୍ ନେତା ବୌଦ୍ଧର୍ ସଚିଦାନନ୍ଦ ଦଲାଲ୍ଙ୍କୁ ବିଜେପିର୍ ଗୁଟେ ପ୍ରତିନିଧି ଦଲ୍ ଭେଟିକରି ତାଙ୍କୁ ସମ୍ବର୍ଦ୍ଧିତ୍ କରିଛେ ।

ବର୍ଗଡ୍ ଜିଲ୍ଲାପାଲ୍        ବର୍ଗଡ୍ ସମ୍ବାଦଦାତା

ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଆଏଜ୍ ଝାରବନ୍ଧଠାନେ ଜନ ଅଭିଯୋଗ ଶୁଣାଣି କର୍‌ବାର୍ ଉତ୍‌ରୁ ଚଣ୍ଡୀଭଟାର୍ କଳା ଚାଉଲ୍ ଧାନ୍ ଖେତ୍ ଆଉ କଳା ଚାଉଲ୍ ଉତ୍ପାଦନ୍ କେନ୍ଦ୍ର ପରିଦର୍ଶନ୍ କରିଥିଲେ । ଇ ଅବ୍‌ସରେ ଜିଲ୍ଲାପାଳଙ୍କର୍ ସହେତେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ, ଝାରବନ୍ଧ ବିଡିଓ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇଥିଲେ । ତାର୍ ଉତ୍‌ରୁ ଜିଲ୍ଲାପାଳ ନୀଲ୍‌ଜୀପତ୍ରା ଠାନେ ଥିବା ପିଏମ୍‌ଶ୍ରୀ ବିଦ୍ୟାଳୟ ନିର୍ମାଣ କାମ୍‌ର ତଦାରଖ୍ କରିଥିଲେ ।

ଜିଲ୍ଲା ଉନ୍ନୟନ୍ ସମନ୍ୱୟ ତଦାରଖ୍ କମିଟି ବୈଠକ ବୌଦ୍ଧ

ବୌଦ୍ଧ ପଂଚାୟତ୍ ଭବନ୍ ଠାନେ ଜିଲ୍ଲା ଉନ୍ନୟନ୍ ସମନ୍ୱୟ ଆଉ ତଦାରଖ୍ କମିଟିର୍ ବୈଠକ୍ ହେଇଯାଇଛେ । କନ୍ଧମାଲ୍ ସାଂସଦ୍ ସୁକାନ୍ତ କୁମାର୍ ପାଣିଗ୍ରାହୀ ବୈଠକ୍‌ଥି ଯୋଗ୍ ଦେଇକରି ଜିଲ୍ଲା ନ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ରୀୟ ଉନ୍ନୟନ୍ ମୂଳକ୍ ଯୋଜ୍‌ନା ମାନ୍‌କର୍ ସ୍ଥିତି ଆର୍ ଅଗ୍ରଗତି ବାବ୍‌ଦେ ଆଲୋଚନା କରିଥିଲେ । ଜିଲ୍ଲାର୍ ବିକାଶ୍ ଦିଗେ ସବୁ ବିଭାଗ୍ ଆର୍ ଅଧିକାରୀ ମାନ୍‌କର୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି କାମ୍ କର୍‌ବାର୍‌କେ ସାଂସଦ୍ ଶ୍ରୀ ପାଣିଗ୍ରାହୀ ପରାମର୍ଶ ଦେଇଥିଲେ ।

ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ     ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଭିଏସ୍‌ଏସ୍ ଷ୍ଟାଡ଼ିୟମ୍ ନ ୧୩ ନମ୍ବର୍ ସର୍ବଭାରତୀୟ ସମ୍ବଲ୍‌ପୁର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଆଏଜ୍  ହାଇଦ୍ରାବାଦ୍ ଶ୍ରୀନିଧି ଡେକେନ୍ସ ଆର୍ ଓଡ଼ିଶା ଫୁଟ୍‌ବଲ୍ ଏସୋସିଏସନ୍ ଭିତ୍‌ରେ ଫାଇନାଲ୍ ମେଚ୍ ଚାଲିଛେ । ଖବର୍ ଲେଖାହେବାର୍‌ତକ୍ ହାଇଦ୍ରାବାଦ୍ ଦଲ୍ ୧/ଶୂନ୍ ଗୋଲ୍‌ଥି ଆଗେ ରହିଛେ ।

ପାଣିପାଗ     ଆର୍‌ଏନ୍‌ୟୁ/ ସମ୍ବଲପୁର

ମାର୍ଚ୍ଚ ମାସ୍ ମୁଲ୍ ହଉନ୍‌ସାର୍ କଲ୍‌ବଲ୍ କଲାନ ତାତି । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ବଲାଙ୍ଗିର୍, ବୌଦ୍ଧ ସହେତେ ୮ ଟା ଜିଲ୍ଲାର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀ ତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଆଏଜ୍ ରାଜ୍ୟର୍ ସବୁନୁ ଜହ ତାପମାତ୍ରା ଝାର୍‌ସୁଗୁଡ଼ା ଆର୍ ପାର୍‌ଲାଖେମୁଣ୍ଡି ନ ୩୮ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ବଲାଙ୍ଗିର ନ ୩୮ ଦଶ୍‌ମିକ୍ ୪, ଟିଟିଲାଗଡ଼୍ ଆର୍ ବୌଦ୍ଧ ନ ୩୮, ସମ୍ବଲ୍‌ପୁର୍ ନ ୩୭ ଦଶ୍‌ମିକ୍

୮, ସୁନ୍ଦରଗଡ଼ ନ ୩୭ ଦଶମିକ୍ ୩, ହୀରାକୁଦ୍ ନ ୩୭ ଦଶମିକ୍ ୧ ଆର୍ ଭବାନୀପାଟ୍ନା  ନ ୩୭ ଡିଗ୍ରୀ ସେଲ୍ସିଅସ୍ ରେକର୍ଡ୍ କରାଯାଇଛେ । ପଶ୍ଚିମ ଓଡ଼ିଶାର୍ ସବୁ ସହର୍ ନ ତାପମାତ୍ରା ଆଏଜ୍ ୩୬ ଡିଗ୍ରୀ ଉପ୍ରେ ରହିଥିଲା ।